Shakti Organisation
Catalysing Sustainable Development

ashraya hastha trust

## ହାଣ୍ଡିଖତ/ଔଷଧ

ଏହା ଏକ ଜୈବିକ କୀଟନାଶକ ଓ ଖତ ଅଟେ, ଯାହା ସମସ୍ତ ପ୍ରକାରର ଫସଲରେ ପ୍ରୟୋଗ କରାଯାଇ ପାରେ । ଏହା ଲାର୍ଭାଜାତୀୟ କୀଟ ନିୟନ୍ତ୍ରଣରେ ବିଶେଷ ଫଳପ୍ରଦ ଅଟେ ।

### ଆବଶ୍ୟକୀୟ ସାମଗ୍ରୀ

| | | | |
|---|---|---|---|
| ୧) | ଗୋମୂତ୍ର | - | ୫ ଲିଟର |
| ୨) | ଅରଖ ପତ୍ର | - | ୧ କି.ଗ୍ରା. |
| ୩) | ନିମ୍ବ ପତ୍ର | - | ୧ କି.ଗ୍ରା. |
| ୪) | କରଞ୍ଜ ପତ୍ର | - | ୧ କି.ଗ୍ରା. |
| ୫) | ଗୁଡ | - | ୨୫୦ ଗ୍ରା. |

୬) ଆବଶ୍ୟକ ଅନୁସାରେ ଅଧିକ ଗୋମୂତ୍ର ମିଶାଇ ପାରିବ ।









### ପ୍ରସ୍ତୁତି ପ୍ରଣାଳୀ

- ଉପରୋକ୍ତ ପତ୍ର ଗୁଡ଼ିକୁ ଛୋଟ ଛୋଟ କରି କାଟି ଗୋବର ଓ ଗୋମୂତ୍ରରେ ଗୁଡ଼ ମିଶାଇ ଘୋଳକୁ କଟା ପତ୍ର ଉପରେ ପକାଇ ମାଟି ହାଣ୍ଡିରେ ମୁହଁ ବନ୍ଦ କରି ରଖନ୍ତୁ ।
- ଦିନକୁ ୧ ଥର କିମ୍ବା ୨ ଥର ଘାଣ୍ଟନ୍ତୁ ।
- ୭ ଦିନ ପରେ ଏହା ପ୍ରସ୍ତୁତ ହୋଇଯିବ ।
- ପୁଣିଥରେ ରସ ବାହାର କରି / ଛାଣି ଆଉଥରେ ୫ ଲି. ଗୋମୂତ୍ର ମିଶାଇ ଛାଇରେ ୭ ଦିନ ରଖିଲା ପରେ ଦ୍ୱିତୀୟ ଥର ପାଇଁ ପ୍ରସ୍ତୁତ ହୋଇଥାଏ ।

### ପ୍ରୟୋଗ ବିଧି

- ଛୋଟ ଗଛ ପାଇଁ ୧ ଲିଟର ପାଣିରେ ୩୦ ମି.ଲି. ଓ ବଡ଼ ଗଛ ପାଇଁ ୧ ଲିଟର ପାଣିରେ ୬୦ ମି.ଲି. ପତ୍ର ସିଞ୍ଚନ କରନ୍ତୁ ।
- ଥରେ ପ୍ରସ୍ତୁତ ହୋଇଥିବା ଔଷଧ /ଖତକୁ ୧୦୦ ମି.ଲି. ପାଣିରେ ମିଶାଇ ଗଛ ମୂଳରେ ମଧ୍ୟ ପ୍ରୟୋଗ କରାଯାଇପାରିବ ।

Shakti Organisation
Catalysing Sustainable Development

ashraya hastha trust

## ଆଗ୍ନେୟାସ୍ତ୍ର

ଏହା ଫସଲରେ ଲାଗୁଥିବା ରସ ଶୋଷକ ପୋକ ଓ ଚୋବାଇ ଖାଉଥିବା ପୋକ ନିୟନ୍ତ୍ରଣ ପାଇଁ ଉପଯୋଗୀ ଅଟେ ।

### ଆବଶ୍ୟକୀୟ ସାମଗ୍ରୀ

| | | | |
|---|---|---|---|
| ୧) | ଗୋମୂତ୍ର | - | ୧୦ ଲିଟର |
| ୨) | ତାଜା ଗୋବର | - | ୨୦୦ ଗ୍ରା. |
| ୩) | ଧୂଆଁ ପତ୍ର | - | ୪୦୦ ଗ୍ରା. |
| ୪) | ରାଗୁଆ କଞ୍ଚା ଲଙ୍କା | - | ୨୦୦ ଗ୍ରା. |
| ୫) | ରସୁଣ | - | ୨୦୦ ଗ୍ରା. |
| ୬) | ନିମ୍ବ ପତ୍ର | - | ୫ କି.ଗ୍ରା. |









### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ମାଟି ପାତ୍ରରେ ଗୋମୂତ୍ର ରଖନ୍ତୁ । ନିମ୍ବପତ୍ରକୁ କୁଟି ଧୂଆଁପତ୍ର, ବଟାଲଙ୍କା, ବଟା ରସୁଣକୁ ଗୋବରରେ ଭଲ ଭାବରେ ମିଶାଇ ଢାଙ୍କୁଣୀ ଦେଇ ସିଝାନ୍ତୁ । ୪ ଥର ଫୁଟିଲା ପରେ ଓହ୍ଲାଇ ୪୮ ଘଣ୍ଟା ପର୍ଯ୍ୟନ୍ତ ଛାଇ କିମ୍ବା ଥଣ୍ଡା ଜାଗାରେ ରଖି ବାଡି ସାହାଯ୍ୟରେ ଦିନକୁ ୨ ଥର ଘାଣ୍ଟନ୍ତୁ । ଏହାପରେ ଏହାକୁ ଛାଣି ବ୍ୟବହାର କରନ୍ତୁ ।

### ପ୍ରୟୋଗ ବିଧି

- ଏହାକୁ ୩ ରୁ ୬ ମାସ ପର୍ଯ୍ୟନ୍ତ ରଖାଯାଇପାରେ ।
- ୧ ଲିଟର ପାଣିରେ ୫୦ ମି.ଲି. ରସ ମିଶାଇ ସିଞ୍ଚନ କରନ୍ତୁ ।
- ଉଙ୍କୁଣିଆ ପୋକ (Thriphs) ଦମନ ପାଇଁ ୩୦ ମି.ଲି. ଆଗ୍ନେୟାସ୍ତ୍ର ଓ ୩୦ ମି.ଲି. ବ୍ରହ୍ମାସ୍ତ୍ର ମିଶାଇ ସିଞ୍ଚନ କରନ୍ତୁ ।

Shakti Organisation
Catalysing Sustainable Development

ashraya hastha trust

## ଘନଜୀବାମୃତ

ଘନଜୀବାମୃତ, ଜୀବାମୃତର ଅନ୍ୟ ଏକ ରୂପ ଅଟେ । ଏହାକୁ ଚାଷୀ D.A.P. ସ୍ଥାନରେ ଶେଷ ଓଡ ଚାଷ ସମୟରେ ବ୍ୟବହାର କରିପାରିବେ । ଏହାର ବ୍ୟବହାର ସମୟରେ ଜମିରେ ବତର ଥିବା ଆବଶ୍ୟକ ।

**ଆବଶ୍ୟକୀୟ ସାମଗ୍ରୀ**

| | | | |
|---|---|---|---|
| ୧) | ଦେଶୀ ଗୋମୁତ୍ର | - | ୧-୨ ଲିଟର |
| ୨) | ସଜ ଗୋବର | - | ୧୦କି. ଗ୍ରା. |
| ୩) | ଗୁଡ | - | ୫୦୦ ଗ୍ରା. |
| ୪) | ବେସନ/ ଡାଲିଗୁଣ୍ଡ | - | ୫୦୦ ଗ୍ରା. |
| ୫) | ଉଇହୁଙ୍କା ମାଟି | - | ୧ ଆଞ୍ଜୁଳୀ |








**ପ୍ରସ୍ତୁତି ପ୍ରଣାଳୀ**

ଉପରୋକ୍ତ ସମସ୍ତ ସାମଗ୍ରୀକୁ ଗାମଲା କିମ୍ବା ଦରିରେ ଭଲ ଭାବରେ ମିଶାଇ ଛାଇରେ ରଖନ୍ତୁ ଓ ଆବଶ୍ୟକ ଅନୁସାରେ ଗୋମୂତ୍ର ସିଞ୍ଚନ କରନ୍ତୁ, ଯେପରି ଏହା ହାଲୁଆ ପରି ହେବ । ଏହାକୁ ଛାଇରେ ୨ ଦିନ ରଖନ୍ତୁ ।

୨ ଦିନ ପରେ ଅଳ୍ପ ଅଳ୍ପ ଗୋମୂତ୍ର ଦେଇ ଲଡୁ ପରି କରି ସାଙ୍ଗେ ସାଙ୍ଗେ ବ୍ୟବହାର କରିପାରିବେ । ପ୍ରସ୍ତୁତ ଲଡୁକୁ ୬ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇ ପାରିବ ।

ପ୍ରସ୍ତୁତ ହୋଇଥିବା ଘନଜୀବାମୃତ ୨୦ କି.ଗ୍ରା. ଗୁଣ୍ଡ କରି ୨୦୦ କି.ଗ୍ରା. କମ୍ପୋଷ୍ଟରେ ମିଶାଇ ୭ ଦିନ ପର୍ଯ୍ୟନ୍ତ, ଛାଇରେ ଘୋଡେଇ ରଖନ୍ତୁ ଓ ଏହାକୁ ୧ ଏକର ଜମିରେ ପ୍ରୟୋଗ କରି ପାରିବେ ।

Shakti Organisation
Catalysing Sustainable Development

ashraya hastha trust

## ଜୀବାମୃତ

ଜୀବାମୃତ ଏକ ପ୍ରାକୃତିକ ଖାଦ୍ୟ ଯାହା ମାଟିକୁ ଜୈବ ଶକ୍ତି ପ୍ରଦାନ କରିଥାଏ । ଏହି ତରଳ ଖାଦ୍ୟ ସୂକ୍ଷ୍ମ ଜୀବାଣୁରେ ପରିପୂର୍ଣ୍ଣ । ଏହି ଖାଦ୍ୟକୁ କ୍ଷେତରେ ପ୍ରୟୋଗ କଲେ ମାଟିରେ ଉପଲବ୍ଧ ବିଭିନ୍ନ ଖଣିଜ ପଦାର୍ଥ ଓ ଉଦ୍ଭିଦକୁ ଆବଶ୍ୟକ ହେଉଥିବା ତତ୍ତ୍ୱକୁ ସହଜରେ ଉପଲବ୍ଧ କରାଇଥାଏ । ଏହାର ପ୍ରୟୋଗ ଫଳରେ ମାଟିର ଭୌତିକ ସ୍ଥିତିର ଉନ୍ନତି ହୋଇ ଜିଆ ଓ ଅନ୍ୟାନ୍ୟ ଅଣୁଜୀବ ପ୍ରଭୃତି ପୁନଃ ପ୍ରତିଷ୍ଠିତ ହୋଇଥାନ୍ତି ।

**ଆବଶ୍ୟକୀୟ ସାମଗ୍ରୀ (୧ ଏକର ପାଇଁ)**

| | | |
|---|---|---|
| ଦେଶୀ ଗାଈ ମୂତ୍ର | - | ୧୦ ଲି. |
| ସଜ ଗୋବର | - | ୧୦ କି.ଗ୍ରା. |
| ମିଠା ଫଳ/ଗୁଡ | - | ୧ କି.ଗ୍ରା. |
| ବେସନ/ଡାଲି ଗୁଣ୍ଡ | - | ୧ କି.ଗ୍ରା |
| ଉଇହୁଙ୍କା ମାଟି | - | ୧ ମୁଠା |








**ପ୍ରସ୍ତୁତି ପ୍ରଣାଳୀ**

ଏକ ସିମେଣ୍ଟ କୁଣ୍ଡ/ ଡ୍ରମରେ ଉପରୋକ୍ତ ସମସ୍ତ ସାମଗ୍ରୀକୁ ଭଲ ଭାବରେ ମିଶାଇ ଅଖାବସ୍ତାରେ ଡ୍ରମର ମୁହକୁ ଘୋଡେଇ ଘରର ବାହାରେ ଛାଇରେ ରଖି ଦିନକୁ ୨ ଥର ଘାଣ୍ଟନ୍ତୁ । ଏହା ୬ ରୁ ୭ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଥାଏ ।

**ପ୍ରୟୋଗ ବିଧି**

- ପ୍ରସ୍ତୁତ ଜୀବାମୃତକୁ ୨୦୦ ଲିଟର ପାଣି ମିଶାଇ ଏକ ଏକର ଜମିରେ ପ୍ରୟୋଗ କରନ୍ତୁ ।
- ପତ୍ର ସିଞ୍ଚନ ପାଇଁ ୧୦୦ ଲିଟର ପାଣି ମିଶାଇ ଛାଣି ପ୍ରୟୋଗ କରନ୍ତୁ ।
- ଦ୍ୱିତୀୟ ଥର ପ୍ରୟୋଗ ୨୧ ଦିନ ପରେ କରନ୍ତୁ ।

## ବୀଜାମୃତ

(ଏହା ବିହନ ବିଶୋଧନ ପାଇଁ ଆବଶ୍ୟକ)

**ଆବଶ୍ୟକୀୟ ସାମଗ୍ରୀ**

| | | | |
|---|---|---|---|
| ୧) | ଗୋମୂତ୍ର | - | ୨୦୦ ମି. ଲି. |
| ୨) | ଗୋବର | - | ୨୦୦ ଗ୍ରା. |
| ୩) | ପାନ ଚୂନ | - | ୨.୫ ଗ୍ରା. |
| ୪) | ଉଇହୁଙ୍କା ମାଟି | - | ୧ ମୁଠା |
| ୫) | ସଫା ପାଣି | - | ୧ ଲିଟର |








**ପ୍ରସ୍ତୁତି ପ୍ରଣାଳୀ**

- ଏକ ପାତ୍ରରେ ଏହି ସବୁ ସାମଗ୍ରୀକୁ ଭଲ ଭାବରେ ମିଶାନ୍ତୁ ।
- ୨୪ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ରଖନ୍ତୁ ।
- ସକାଳେ ଓ ସନ୍ଧ୍ୟାରେ ବାଡି ସାହାଯ୍ୟରେ ଘାଣ୍ଟନ୍ତୁ ।
- ୨୪ ଘଣ୍ଟା ପରେ ବୀଜାମୃତ ପ୍ରସ୍ତୁତ ହୋଇଥାଏ ।

**ବ୍ୟବହାର**

୧) ବିହନକୁ ଶୋଧନପରେ ଜୀବାମୃତକୁ ବିହନରେ ଭଲ ହାତରେ ମିଶାଇ ଗଜା ପାଇଁ ଛାଡନ୍ତୁ ।

୨) ବୀଜାମୃତ ବିହନକୁ ଜୀବନ ଶକ୍ତି ପ୍ରଦାନ କରିଥାଏ ।

୩) ବୀଜାମୃତରେ ଥିବା ଗୋବର ଫିମ୍ପି ନାଶକ ଓ ଗୋମୂତ୍ର ରୋଗ ପ୍ରତିଶୋଧକ କ୍ଷମତା ବଢାଇ ଥାଏ ।

୪) ତନ୍ତୁ ଜାତୀୟ, କ୍ଷୁଦ୍ରଶସ୍ୟ, ପନିପରିବା ଓ ଡାଲି ଜାତୀୟ ବିହନକୁ ଏଥିରେ ମଧ ଉପଚାର କରାଯାଇ ପାରେ ।

୫) କ୍ଷୁଦ୍ରଶସ୍ୟ ଓ ପନିପରିବା ବିହନକୁ ୩୦ ମିନିଟ ପର୍ଯ୍ୟନ୍ତ ବୁଜୁଳିରେ ବାନ୍ଧି ବୀଜାମୃତାରେ ରଖି କାଢି ଦିଅନ୍ତୁ ।

୬) ଉପଚାରିତ ବିହନକୁ ୨୪ ଘଣ୍ଟା ମଧରେ ଜମିରେ ବା ତଳି ଘରାରେ ପକାନ୍ତୁ ।

## ବ୍ରହ୍ମାସ୍ତ୍ର

ଏହା ଫଳବିନ୍ଧା, ଗଣ୍ଡିବିନ୍ଧା ଓ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଉପଯୋଗୀ ହୋଇଥାଏ । ଏହା ସମସ୍ତ ପ୍ରକାର ଲାର୍ଭା ଯାହାକି ଫସଲର ଅଧିକ କ୍ଷତି କରିଥାଏ, ତାହାକୁ ନିୟନ୍ତ୍ରଣ କରିଥାଏ ।

**ଆବଶ୍ୟକୀୟ ସାମଗ୍ରୀ**

| | | | |
|---|---|---|---|
| ୧) | ଗୋମୂତ୍ର | - | ୧୦ ଲି. |
| ୨) | ନିମ୍ବପତ୍ର | - | ୩ କି.ଗ୍ରା. |
| ୩) | କରଞ୍ଜ ପତ୍ର | - | ୨ କି.ଗ୍ରା. |
| ୪) | ସିତାଫଳ ପତ୍ର | - | ୨ କି.ଗ୍ରା. |
| ୫) | କଳା ଦୁଦୁରା ପତ୍ର | - | ୨ କି.ଗ୍ରା. |
| ୬) | ଜାମ ପତ୍ର | - | ୨ କି.ଗ୍ରା. |
| ୭) | ଜଡା ପତ୍ର | - | ୨ କି.ଗ୍ରା. |
| ୮) | ଅମୃତଭଣ୍ଡା ପତ୍ର | - | ୨ କି.ଗ୍ରା. |
| ୯) | ୫ ପ୍ରକାର ଫଳ | - | ୫୦୦ ଗ୍ରାମ |












**ପ୍ରସ୍ତୁତି ପ୍ରଣାଳୀ**

ଘୋଡଣି ଥିବା ଯୁକ୍ତ ମାଟି ହାଣ୍ଡିରେ ଗୋମୂତ୍ର ଓ ୭ ପ୍ରକାର ପତ୍ରକୁ କାଟି ଛୋଟ ଛୋଟ ଖଣ୍ଡକରି ମିଶାନ୍ତୁ ଓ ୪ ଥର ଫୁଟିଲା ପରେ ୪୮ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଘୋଡେଇ ରଖନ୍ତୁ । ଛାଣିକରି ପ୍ଲାଷ୍ଟିକ ବୋତଲରେ ଏହାକୁ ୬ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇପାରେ ।

**ପ୍ରୟୋଗ ବିଧି**

- ୧ ଲିଟର ପାଣିରେ ୫୦-୬୦ ମି.ଲି. ରସ ମିଶାଇ ସିଞ୍ଚନ କରନ୍ତୁ ।

Shakti Organisation
Catalysing Sustainable Development

ashraya hastha trust

## ପଞ୍ଚପର୍ଣ୍ଣୀ

ଏହା ଶୋଷକ ପୋକ ଲାର୍ଭା ନିୟନ୍ତ୍ରଣ ପାଇଁ ଉପଯୋଗୀ ଅଟେ ।

**ଆବଶ୍ୟକୀୟ ସାମଗ୍ରୀ**

| | | | |
|---|---|---|---|
| ୧) | ପାଣି | - | ୧୦ ଲି. |
| ୨) | ନିମ୍ବପତ୍ର | - | ୧ କି.ଗ୍ରା. |
| ୩) | କରଞ୍ଜ ପତ୍ର | - | ୧ କି.ଗ୍ରା. |
| ୪) | ଅରଖ ପତ୍ର | - | ୧ କି.ଗ୍ରା |
| ୫) | ସିତାଫଳ ପତ୍ର | - | ୧ କି.ଗ୍ରା |
| ୬) | ଅମୃତ ଭଣ୍ଡା/ ଜଡା ପତ୍ର | - | ୧ କି.ଗ୍ରା |



**ପ୍ରସ୍ତୁତି ପ୍ରଣାଳୀ**

୫ ପ୍ରକାର ପତ୍ରକୁ ଛୋଟ ଛୋଟ କରି ୧୨ ଘଣ୍ଟା ୧୦ ଲିଟର ପାଣିରେ ପକାଇ ରଖନ୍ତୁ । ତା'ପରେ ଏହାକୁ ଏପରି ସିଝାନ୍ତୁ, ଯେପରି ଏହା ଅଧା ହୋଇଯିବ । ତା' ପରେ ଏହାକୁ ଢାଙ୍କୁଣୀ ଦେଇ ୧୨ ଘଣ୍ଟା ଛାଇରେ ରଖନ୍ତୁ ତା'ପରେ ଛାଣି ବ୍ୟବହାର କରନ୍ତୁ ।

**ପ୍ରୟୋଗ ବିଧି**

୧୫ ଲିଟର ପାଣିରେ ୧ ଲିଟର ରସ ଓ ୫୦ ଗ୍ରାମ ସର୍ଫ ମିଶାଇ ସିଞ୍ଚନ କରନ୍ତୁ । ଏହାକୁ ୫ ରୁ ୭ ଦିନ ରଖି ବ୍ୟବହାର କରିପାରିବା ।

Shakti Organisation
Catalysing Sustainable Development

ashraya hastha trust

# ଜୈବିକ କୃଷିର ବ୍ୟବହୃତ ଆବଶ୍ୟକୀୟ ଜୈବିକ ସାମଗ୍ରୀ (ଉତ୍ପାଦନ ପ୍ରସ୍ତୁତି ଓ ବ୍ୟବହାର ବିଧି)



**ଶକ୍ତି ଅନୁଷ୍ଠାନ**

ହାଉସିଂ ବୋର୍ଡ କଲୋନୀ, ପୋ/ ଜିଲ୍ଲା.-ରାୟଗଡା, ଓଡିଶା,

ପିନ-୭୬୫୦୦୧

ଫୋନ ନଂ.- ୦୬୮୫୬-୩୫୯୮୩୮,

e-mail-shaktiorg@gmail.com,

www.shaktiorg.com

**http://shaktiorg.blogspot.in**